# ଦେଖିନାହିଁ କେତେ ଦିନୁ ଖଣ୍ଡଗିରି

ଗୋପବନ୍ଧୁ ଦାସ

## କବି ପରିଚୟ

**ଉତ୍କଳମଣି ଗୋପବନ୍ଧୁ ଦାସ:** ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସତ୍ୟବାଦୀଠାରେ ବନବିଦ୍ୟାଳୟ ପ୍ରତିଷ୍ଠା କରି ସେ ଦେଶପ୍ରେମୀ ସଂଗ୍ରାମୀ ମଣିଷ ତିଆରି କରିବା ସଙ୍ଗେସଙ୍ଗେ ସାହିତ୍ୟ ମାଧ୍ୟମରେ ଆମ ସଂସ୍କୃତି ଓ ସମାଜକୁ ଉନ୍ନତ କରିବାକୁ ସାରାଜୀବନ ପ୍ରୟାସ କରିଥିଲେ । ତାଙ୍କରି ଆଦର୍ଶକୁ ଭିତ୍ତିକରି ଓଡ଼ିଆ ସାହିତ୍ୟର ଏହି ସମୟକୁ ସତ୍ୟବାଦୀଯୁଗ କୁହାଯାଏ । ଧର୍ମପଦ, କାରାକବିତା, ବନ୍ଦୀର ଆତ୍ମକଥା, ଅବକାଶ ଚିନ୍ତା ଇତ୍ୟାଦି ତାଙ୍କର ଅମ୍ଳାନ କୃତି । ''ଦେଖିନାହିଁ କେତେ ଦିନୁ ଖଣ୍ଡଗିରି'' କବିତାରେ ଗୋପବନ୍ଧୁ ଖଣ୍ଡଗିରି ଇତିହାସ ମାଧ୍ୟମରେ ଆମ ଅତୀତର ଗୌରବକୁ ମନେ ପକାଇଛନ୍ତି ।

ଦେଖିନାହିଁ କେତେ ଦିନୁ ଖଣ୍ଡଗିରି
ଇତିହାସ ଯା'ର ଅଙ୍କେ ଅଙ୍କିତ,
ଅମର ଅକ୍ଷରେ ନୀରବ ଗମ୍ଭୀରେ
ଗାଏ ଯେ ଉତ୍କଳ ଗୌରବ ଗୀତ ।

ପଡ଼େ ଏବେ ମନେ ପ୍ରଥମ ଯୌବନେ
ସୁଷମା-ପିପାସା-ଭାବ-ଉନ୍ମାଦେ,
ଖଣ୍ଡଗିରି ଶିରୀ ଦେଖି ନେତ୍ର ଭରି
ଚିନ୍ତା ନିମଗନେ ବସିଲି ପାଦେ ।

କଳ୍ପନାର ପୋତେ କାଳ ପ୍ରତିସ୍ରୋତେ
ଭାସି ଦେଖିଲି ମୁଁ ଉଜ୍ଜ୍ୱଳ ଛବି,
ଇତିହାସ ଯା'ର ନ କରେ ପ୍ରଚାର
ଚିନ୍ତି ନାହାନ୍ତି ଯା' କାବ୍ୟରେ କବି ।



କାଳର ପ୍ରଭାବେ ଜନ ସ୍ମୃତିପଟୁ
ରୂପରେଖ ଯା'ର ଲିଭିଛି ଆଜି,
କଳିଙ୍ଗର ସେହି ଅତୀତ ବିଭବ
ବୀର ଖାରବେଳ କୀରତି ରାଜି ।

ବାଜେ ବୀର ବାଜା କାହିଁ ରଣସଜ୍ଜା
କାହିଁ ବା ଲାଗିଛି ଗୁପ୍ତ ମନ୍ତ୍ରଣା,
ଦୂର ଦେଶୁଁ ଦୂତ ବିଜୟ ବାରତା
ଘେନି ଆସି କରେ ଛାମୁରେ ଜଣା ।


ଶ୍ରମଣ ସନ୍ୟାସୀ ଦଳେଦଳେ ବସି
ଚାଲିଅଛି କାହିଁ ତତ୍ତ୍ୱ ବିଚାର,
ଗମ୍ଭୀର ନିର୍ଘୋଷେ ଲୋକ ଉପଦେଶେ
କାହିଁ ବା ଅହିଂସା ଧର୍ମ ପ୍ରଚାର ।

ଖଣ୍ଡଗିରି ଅଙ୍ଗେ ଶିଳ୍ପୀ ଶତଶତ
ଖୋଳନ୍ତି ନିଭୃତ ଗୁମ୍ଫା ନିରତେ,
କାହିଁ ଗୁପ୍ତଚର ରାଜ୍ୟ ସମାଚାର
ଏକାନ୍ତେ ଜଣାଏ ନୃପ ପୁରତେ ।

କଳ୍ପନାର ନେତ୍ରେ ଏହିପରି କେତେ
ଦିଶେ ଚିତ୍ର ଖଣ୍ଡଗିରି ଶରୀରେ,
ବିନଷ୍ଟ ସର୍ବସ୍ୱ ବୃଦ୍ଧ ଖଣ୍ଡଗିରି
ବିରକ୍ତ ପରାଏ ଉଭା ଗମ୍ଭୀରେ ।

ମହାକାଳ ନୀରେ ବୁଦ୍‌ବୁଦ ପରାଏ
ଯାଇଅଛି ମିଶି କଳିଙ୍ଗ ଭୂତି,
କଳିଙ୍ଗ ସନ୍ତାନ ଭୁଲିଛନ୍ତି ଏବେ
କଳିଙ୍ଗର ନାମ ଗୌରବ ସ୍ମୃତି ।

ତଥାପି ସେ ଗାଥା ରଖିଅଛି ଗିରି
କାଳ ପରାଭବେ ଦେଖାଇ ହିଆ,
ଅତି ନାରଖାର ରାଣୀହଂସପୁର
ସାକ୍ଷ୍ୟ ଦେବାଲାଗି ଅଦ୍ୟାପି ଠିଆ ।



ଚୂଳୁଁ ମୂଳ ଯାଏ ଶୋଭେ ଶିଳାକାୟେ
ପ୍ରାସାଦ ପ୍ରାଙ୍ଗଣ ଗୁମ୍ଫା ଦେଉଳ,
ତରୁଲତା ଦଳ ରୋଧିଛନ୍ତି ପଥ
ନିବସନ୍ତି ଯହିଁ ଶ୍ୱାପଦକୁଳ ।
ପଥପ୍ରାନ୍ତବାସୀ ସାଧୁ ଧର୍ମବେଶୀ
କହନ୍ତି ଅଦ୍ଭୁତ ବହୁ କାହାଣୀ,
ଦେଖାନ୍ତି ଶ୍ରୋତାଙ୍କୁ ପ୍ରତ୍ୟକ୍ଷ ପ୍ରମାଣ
କେତେ ଜୀର୍ଣ୍ଣ ସ୍ମୃତି କଠାଉ ଆଣି ।
ତାପସ ସାଧକ ଅଦ୍ୟାପି ଅନେକ
ନିବିଡ଼ ଅନ୍ଧାର ଗୁହା ଗରଭେ,
ଲୁଚି ରହିଛନ୍ତି ଗଭୀର ନିଶୀଥେ
ଶୁଣାଯାଏ ତାଙ୍କ ସଙ୍ଗୀତ ନଭେ ।
ଶୁଣିଛି ମୁଁ ନିଜେ କହନ୍ତି ସେ ତେଜେ
ପଥିକ ବଦନେ ଦେଖି ସଂଶୟ,
ନୁହେଁ ତା ବିଚିତ୍ର ବାହ୍ୟ ବିଶ୍ୱେ ମାତ୍ର
ପ୍ରତିଫଳେ ନର ନିଜ ହୃଦୟ ।

**ସୂଚନା:**

ଖଣ୍ଡଗିରି– ଭୁବନେଶ୍ୱରର ଉତ୍ତର-ପଶ୍ଚିମ ଦିଗରେ ଅବସ୍ଥିତ । ଏଠାରେ ମହାମେଘବାହନ ଐରଖାରବେଳଙ୍କର ଅନେକ କୀର୍ତ୍ତିରହିଛି । ଏହା ନିକଟରେ ଉଦୟଗିରି ଅବସ୍ଥିତ ।
ସୁଷମା – ସୌନ୍ଦର୍ଯ୍ୟ
ପିପାସା – ତୃଷା, ଶୋଷ, ଲାଳସା
ଉନ୍ମାଦ – ମତ୍ତ, ଅତିଶୟ ଆବେଗ
ଶିରୀ – ଶୋଭା, ସୌନ୍ଦର୍ଯ୍ୟ
ପୋତେ – ଏଠାରେ ବୋଇତରେ
ଶ୍ରମଣ – ବୌଦ୍ଧ ସନ୍ନ୍ୟାସୀ, ବୌଦ୍ଧ ଭିକ୍ଷୁ
ନିର୍ଘୋଷ– ଉଚ୍ଚ ବା ପ୍ରଚଣ୍ଡ ଧ୍ୱନି, ଖୁବ୍‌ଜୋରରେ ଶବ୍ଦ
ବିରକ୍ତ – ଅସନ୍ତୁଷ୍ଟ, ଚିଡ଼ିଯିବା
ଭୂତି – ଐଶ୍ୱର୍ଯ୍ୟ, ମହତ୍‌ଗୁଣାବଳୀ
ପରାଭବ– କ୍ଷୟକାରୀ ପ୍ରଭାବ
ଶ୍ୱାପଦ – ହିଂସ୍ରଜନ୍ତୁ
ହିଆ – ହୃଦୟ, ବକ୍ଷସ୍ଥଳ
ଅଦ୍ୟାପି – ଆଜି ପର୍ଯ୍ୟନ୍ତ

# ଅଭ୍ୟାସ

୧. **ଉତ୍ତର କୁହ ।**

(କ) କବିତାଟିରେ ବର୍ଣ୍ଣିତ ସ୍ଥାନ କେଉଁଠି ଅବସ୍ଥିତ ?

(ଖ) କବି ଖଣ୍ଡଗିରିକୁ ଉତ୍କଳ ଗୌରବର ପ୍ରତୀକ ରୂପେ କାହିଁକି ବର୍ଣ୍ଣନା କରିଛନ୍ତି ?

(ଗ) ଖଣ୍ଡଗିରି ଜନସ୍ମୃତିରୁ କାହିଁକି ଲିଭିଯାଉଛି ?

(ଘ) କବିତାରେ ରାଣୀହଂସପୁର ସଂପର୍କରେ କବି କ'ଣ କହିଛନ୍ତି ?

(ଙ) ସାଧୁ ଧର୍ମବେଶୀ ଓ ଖଣ୍ଡଗିରି ପଥପ୍ରାନ୍ତବାସୀଙ୍କ ସଂପର୍କରେ କବିତାରେ କ'ଣ କୁହାଯାଇଛି ?

୨. **ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) କବି ଖଣ୍ଡଗିରିକୁ ଦେଖି କାହିଁକି ଚିନ୍ତାମଗ୍ନ ହୋଇ ପଡ଼ିଛନ୍ତି ?

(ଖ) କବିତାରେ ଖଣ୍ଡଗିରି ରାଜଦରବାରର ଦୃଶ୍ୟ କିପରି ଚିତ୍ରିତ ହୋଇଛି ?

(ଗ) ଶ୍ରମଣ ସନ୍ନ୍ୟାସୀମାନେ ଖଣ୍ଡଗିରିରେ କ'ଣ କରୁଛନ୍ତି ବୋଲି କବି ବର୍ଣ୍ଣନା କରିଛନ୍ତି ?

(ଘ) ଖଣ୍ଡଗିରି ଗୁମ୍ଫାରେ ଶିଳ୍ପୀମାନେ କେଉଁ କାର୍ଯ୍ୟ କରୁଛନ୍ତି ?

(ଙ) ସାଧକମାନେ ଖଣ୍ଡଗିରିରେ ଏବେ ମଧ୍ୟ ଅଛନ୍ତି ବୋଲି କହିବାର କାରଣ କ'ଣ ?

(ଚ) ବୃଦ୍ଧ ଖଣ୍ଡଗିରି ବିରକ୍ତ ପରାଏ ଉଭା ଗମ୍ଭୀରେ– ଏହା କାହିଁକି କୁହାଯାଇଛି ?

୩. **ସରଳ ଭାଷାରେ ବୁଝାଇ ଲେଖ ।**

(କ) 'ତଥାପି ସେ ଗାଥା ରଖିଅଛି ଗିରି
କାଳ ପରାଭବେ ଦେଖାଇ ହିଆ ।'

(ଖ) 'ନୁହେଁ ତା' ବିଚିତ୍ର ବାହ୍ୟ ବିଶ୍ୱେ ମାତ୍ର
ପ୍ରତିଫଳେ ନର ନିଜ ହୃଦୟ ।'

୪. **ତଳେ ଦିଆଯାଇଥିବା ସମୋଚ୍ଚାରିତ ଶବ୍ଦ ମଧ୍ୟରେ ଥିବା ଅର୍ଥ-ପାର୍ଥକ୍ୟକୁ ବାକ୍ୟ ମାଧ୍ୟମରେ ପ୍ରକାଶ କର ।**

| | | | | |
|---|---|---|---|---|
| ପ୍ରାସାଦ, | ସତ, | ବାସୀ, | ଖର, | ପୁର |
| ପ୍ରସାଦ, | ଶତ, | ବାସି, | ଖାର, | ପୂର |

୫. **ମନେ ପକାଇ କବିତାର ପଦଟିକୁ ପୂରଣ କର ।**

(କ) ଦୂର ଦେଶୁଁ ଦୂତ ..................................
.................................. କରେ ଛାମୁରେ ଜଣା ।

(ଖ) ଗମ୍ଭୀର ନିର୍ଘୋଷେ ...............................

........................................... ଧର୍ମ ପ୍ରଚାର ।

(ଗ) ଚୂଳୁଁ ମୂଳ ଯାଏ ....................................

......................................... ଗୁମ୍ଫା ଦେଉଳ ।

୬. **କବିତାର କେଉଁ ପ୍ରସଂଗରେ କୁହାଯାଇଛି ଲେଖ ।**

(କ) 'ଉଜ୍ଜ୍ୱଳ ଛବି'

(ଖ) 'କଳିଙ୍ଗର ଭୂତି'

(ଗ) 'ପ୍ରତ୍ୟକ୍ଷ ପ୍ରମାଣ'

(ଘ) 'ସଙ୍ଗୀତ ନଭେ'

୭. **ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗୋଟିଏ ଲେଖାଏଁ ପ୍ରତିଶବ୍ଦ ଲେଖ ।**

କାୟା, ହିଆ, ନିଶୀଥ, ନଭ, କଠାଉ

୮. **ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ ।**

ରୋଧିଛନ୍ତି, ନିବସନ୍ତି, ପ୍ରତିଫଳେ, ଏକାନ୍ତେ, ନିରତେ

## ତୁମ ପାଇଁ କାମ



- ଉତ୍କଳମଣି ଗୋପବନ୍ଧୁଙ୍କର ବିଭିନ୍ନ ଲେଖା ସଂଗ୍ରହ କର ଓ ପଢ଼ ।
- ଖଣ୍ଡଗିରିର ଇତିହାସ ଓ ତତ୍‌ସଂପର୍କିତ ବିଭିନ୍ନ ଛବି ସଂଗ୍ରହ କର ।
- ଖଣ୍ଡଗିରି ଉପରେ ଏକ ପ୍ରବନ୍ଧ ରଚନା କର ।